




# ଜଟାୟୁ

କବି ରଘୁନାଥ ଦାସ

ଶିହରୁଛି ପଞ୍ଚବଟୀ

କାହାର ଏ ବିକଳ କ୍ରନ୍ଦନେ?

ବିଶ୍ବପିତା ଥରେ ଯଥା

ଆଶ୍ରିତର ଆର୍ତ୍ତ ନିବେଦନେ ।

କାହା ନେତ୍ରୁ ଝରିପଡେ

ବିନ୍ଦୁ ବିନ୍ଦୁ ଉଷ୍ଣ ଏ ଲୋତକ?

ପତ୍ରେ ପତ୍ରେ ରଖିଯାଏ

ବେଦନାର ନିଶ୍ଚିତ ସନ୍ତକ ।

କରେ କେ ଘର୍ଘର ନାଦ ଉର୍ଦ୍ଧ୍ବନଭେ?

ଅଶଲୀଳ ଶବଦ!

ପ୍ରକମ୍ପିତ କରେ ଦର୍ପେ?

ବନସ୍ଥଳୀ ହେଉଛି ବିକ୍ଷୁବ୍ଧ

ଛୁଟିଆସେ ଉତ୍ତରରୁ

ପଳାତକ ପୁଷ୍ପକ ବିମାନ

www.jataayu.org






# ଜଟାୟୁ

କବି ରଘୁନାଥ ଦାସ

ଶୋକାକୁଳା ସତୀ ସୀତା,

ପାଶେ ତାଙ୍କ ବସିଛି ରାବଣ ।

ଯତିବେଶେ ଲଙ୍କାପତି

ନେଉଛି ତ ସତୀଙ୍କୁ ଚୋରାଇ,

ଅସହାୟେ ସତୀ ଡାକେ ‘ପତି’ ‘ପତି’

ପତି ପାଶେ ନାହିଁ ।

ଜଡ ହେଲା ପଞ୍ଚବଟୀ?

ବ୍ୟର୍ଥ ଯିବ ଏତେ ଅଶ୍ରୁପାତ?

ନଗ୍ନ ବ୍ୟଭିଚାର ଏଥି

କରିବେନି କେହି ପ୍ରତିବାଦ?

ଆପାଣାର ହୀନ ବଳେ

ମନେ ବୃଥା ଜାଗିଛି ସଂଶୟ;

ବପୁର ଶକ୍ତି ମୋ କ୍ଷୀଣ,

କିନ୍ତୁ ମୋ ଆତ୍ମା ଯେ ଅଜେୟ ।

www.jataayu.org






# ଜଟାୟୁ

କବି ରଘୁନାଥ ଦାସ

ମୁଁ ଛାର ଜଟାୟୁ ପକ୍ଷୀ

ପ୍ରତିପକ୍ଷ ପ୍ରବଳ ପ୍ରତାପୀ

ନୁହେଁ ତାର ସମକକ୍ଷ

ପ୍ରତିବାଦ କରିବି ତଥାପି ।

ପାରେ ବା ନ ପାରେ ମୁହିଁ,

ଅନୀତିର ରୋଧିବି ଗତିକୁ,

ସତ୍ୟ ଲାଗି ଯୁଝିବି ମୁଁ,

ଆଶ୍ୱାସନା ହେବ ସେ ସତୀକୁ ।

ଛୁଟିଲି ଆକାଶେ ମାର୍ଗେ-

ଦୁରାଚାରୀ! ରଥ ନୁଆଁ ତଳେ

ନୋହିଲେ ରୁଧିରସିକ୍ତ

କରିବ ହିଁ ତୀକ୍ଷ୍ଣ ମୋ ନଖରେ ।

ଅବଜ୍ଞା କରିଲୁ ମୋତେ!

www.jataayu.org

ରାବଣରେ ପ୍ରଥମ ଆଘାତ

କରେ ଆଜି ଶକ୍ତିହୀନ ପକ୍ଷୀ ଏକ

ଅଜ୍ଞାତ ଅଖ୍ୟାତ;

କରେ ରକ୍ତସ୍ନାତ ।

ମୋ ଲାଗି ଧରିଛି ଖଡ୍‌ଗ ଲଙ୍କପତି;

-ଏ ପକ୍ଷ ଛେଦେ;

ବିଛୁରିତ ହୁଏ ସତ୍ୟ-ରକ୍ତବୀଜ

ଆକାଶର ଖେତେ ।

ଆନ ପକ୍ଷେ ପ୍ରତିରୋଧ କରିବି ମୁଁ

ଛାଡିବିନି ବାଟ,

ମୋର ପଦାଘାତ

ଶିରେ ତା'ର ବହିବ ହିଁ ଲଙ୍କାର ସମ୍ରାଟ ।

ବେନିପକ୍ଷେ ଛିଡିଗଲା;

www.jataayu.org

# ଜଟାୟୁ

କବି ରଘୁନାଥ ଦାସ

ଛିଡିଯାଉ, ନାହିଁ ମୋ ଶୋଚନା;

ମୁଁ ରହିବି ଯୁଗେ ଯୁଗେ ଯୁଯୁତ୍ସୁର

ଜ୍ବଳନ୍ତ ପ୍ରେରଣା ।

ଲେଖିବ ବାଲ୍ମୀକି;

ସତୀ ଲାଗି ପକ୍ଷୀ ଏକ

ରାମ ଆଗୁଁ ଯୁଝିଥିଲା ବିଂଶବାହୁ ପ୍ରତିପକ୍ଷେ

ଯୁଝିଛି ଏକାକୀ ।

ଏକକ ସେ ସେନା

ପକ୍ଷେ ସତ୍ୟ, ପକ୍ଷେ ନ୍ୟାୟ

ଅବିନୀତ ଜଟାୟୁର ଡେଣା ।

www.jataayu.org